# Akashvani, Sambalpur

# SAMBALPURI NEWS BULLETIN

## 2 October 2024- 6.47- 6.52 am.

*********************************************

ମହାତ୍ମାଗାନ୍ଧୀ, ଶାସ୍ତ୍ରୀ- ଜୟନ୍ତୀ      ଆର୍‌ଏନ୍‌ୟୁ ସମ୍ବଲପୁର୍

ସାରାଦେଶେ ଜାତିର ପିତା ମୋହନ୍ ଦାସ କରମ୍‌ଚାନ୍ଦ୍ ଗାନ୍ଧୀଙ୍କର୍ ଆଏଜ୍ ଶହେ ୫୫ ନମ୍ବର୍ ଜୟନ୍ତୀ ପାଲନ୍ କରାଯାଉଛେ । ଗାନ୍ଧୀଜୀ ତାଁକର୍ ବିଚାର୍, ଆଦର୍ଶ, ମାନବିକ ମୂଲ୍ୟବୋଧ, ସତ୍ୟର ବାଣୀ, ରାଜନୀତି, ପରିବାର ଆଉ ସମାଜ୍‌ମଙ୍ଗଲ୍, ଅବହେଳିତ୍‌ମାନ୍‌କର୍ ଲାଗି କରିଯାଇଥିବା କାମ୍ ଲାଗି ସବୁବେଲେ ନମସ୍ୟ ହେଇ ରହେବେ । ଦେଶର୍ ସ୍ୱାଧୀନତା ଆନ୍ଦୋଲନ୍‌ଥି ମୁଖ୍ୟ ଭୂମିକା ନେଇଥିବା ଗାନ୍ଧୀଜୀ ତାଁକର୍ ଜୀବନ କାଳ ଭିତ୍‌ରେ ଓଡ଼ିଶାକେ ୮ ଥର୍ ଆସିକରି ଅଣଷ୍ଠୋର୍ ଦିନ୍ ରହିଥିଲେ । ଗାନ୍ଧୀଜୀଙ୍କର୍ ପବିତ୍ର ଜନମ୍ ଦିନ୍‌ଥି ଆଏଜ୍ ସାରା ଦେଶ୍ ତାଁକୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ ।

ଆଏଜ୍ ଭୁବ୍‌ନେଶ୍ୱର୍ ନ ମହାତ୍ମାଗାନ୍ଧୀଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଲନ୍ କରାଯାଉଛେ । ବିଧାନ୍‌ସଭା ପରିସର୍ ନ ଥିବା ମହାତ୍ମାଗାନ୍ଧୀଙ୍କର୍ ପ୍ରତିମୂର୍ତ୍ତି ପାଖେ ଆଏଜ୍

ସଖାଲ୍‌ବେଲା ୮ ବାଜିକରି ୪୦ ମିନିଟ୍‌ଥି ଗୁଟେ ପ୍ରାର୍ଥନା ସଭା ଅନୁଷ୍ଠିତ୍ ହେବା । ଇତାର୍‌ଛଡ଼ା ଉପର୍‌ବେଲା ଜୟଦେବ୍ ଭବନ୍ ନ 'ଓଡ଼ିଶା ନ ଗାନ୍ଧୀଜୀ' ଶୀର୍ଷକ ଗୁଟେ ଫଟୋଚିତ୍ର ପ୍ରଦର୍ଶନୀ, ଗାନ୍ଧୀ ଦର୍ଶନ୍ ଶୀର୍ଷକ ଆଲୋଚନା ଚକ୍ର ଆୟୋଜନ୍ କରାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସେନ୍ତା ଆଏଜ୍ ଦେଶର୍ ଦୁଇ ନମ୍ବର୍ ପ୍ରଧାନ୍‌ମନ୍ତ୍ରୀ ଲାଲ୍‌ବାହୁଦୂର୍ ଶାସ୍ତ୍ରୀଙ୍କର୍ ଭିଲ୍ ଜନମ୍ ଦିନ୍ ଆଏ । ଶାସ୍ତ୍ରୀଜୀଙ୍କର୍ ଜୀବନ୍ ଭିଲ୍ ଆମ୍‌କୁ ସାଧୁ ଆଉ ନୀତିବାନ୍ ରହେବାର୍ ଦିଗେ ପ୍ରେରଣା ଦେସି । ଇ ଅବ୍‌ସରେ ତାଁକର୍ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯାଉଛେ ।

ପ୍ରଧାନ୍‌ମନ୍ତ୍ରୀ-ଗାନ୍ଧୀ ଜୟନ୍ତୀ ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ନ ଗାନ୍ଧୀ ଜୟନ୍ତୀ ଅବ୍‌ସରେ ସ୍ୱଚ୍ଛ ଭାରତ୍ ମିଶନ୍‌ର ୧୦ ବଛର୍ ପୁର୍ତି ଲାଗି ହେଉଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ସ୍ୱଚ୍ଛତା ସଙ୍ଗେ ଜଡ଼ିତ ୯ ହଜାର୍ ୬ ଶହ କୋଟି ନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପ ଶୁଭାରମ୍ଭ ଆର୍ ଶିଳାନ୍ୟାସ୍ କର୍‌ବେ । ଇଥି ଅମୃତ୍- ଟୁ ପଏଂଟ୍ ଜିରୋ, ଗୋବର୍ଦ୍ଧନ୍ ଯୋଜ୍‌ନା ସାମିଲ୍ ରହିଛେ । ସେନ୍ତା ଆଏଜ୍ ସଖାଲର୍ ୯ ବଜେନୁ ୧୦

ବଜେତକ୍ ସ୍ୱଚ୍ଛତା ଲାଗି ସଭେ ଏକ୍‌ଜୁଟ୍ ଶ୍ରମଦାନ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ଚଲ୍‌ତି ବଛର୍ ସ୍ୱଭାବ୍ ସ୍ୱଚ୍ଛତା-ସଂସ୍କାର୍ ସ୍ୱଚ୍ଛତା ବାର୍ତାକେ ନେଇକରି ସ୍ୱଚ୍ଛତା ହିଁ ଅଭିଯାନ୍ ପାଲନ୍ ହେଉଛେ । ସାରା ଦେଶେ ଏବ୍‌ତକ୍ ଇ ଅଭିଯାନ୍‌ଥି ୨୫ ଲାଖ୍‌ନୁ ଅଏତ୍‌କା କାର୍ଯ୍ୟକ୍ରମ୍ କରାଯାଇଛେ ।

ମହାଳୟା ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍‌ର ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ନ ଆଏଜ୍ ମହାଳୟା ଅବ୍‌ସରେ ମା’ ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦଉଛନ୍ । ଇ ଦର୍ଶନ୍‌କେ ଗଙ୍ଗାଦର୍ଶନ୍ ବଲି ଭିଲ୍ କୁହାଯାଏସି । ଧାରିଜ୍ ହେଇଥିବା ନୀତିନିର୍ଘଂଟ ଅନ୍‌ସାରେ ସଖାଲର୍ ୫ ବଜେନୁ ମା ସମଲେଇଙ୍କର୍ ଧବଲ୍‌ମୁଖୀ ଦର୍ଶନ୍ ମୁଲ୍ ହେଇଛେ । ଭୋଗ୍ ଲାଗି ଦିନର୍ ୧୧ ବାଜିକରି ୫୫ ମିନିଟ୍ ନୁ ସାଢ଼େ ୧୨ ବଜେତକ୍ ଦର୍ଶନ୍ ବନ୍ଦ୍ ରହେବା । ସେନ୍ତା ସଞ୍ଜବେଲାର୍ ୭ ବାଜିକରି ୪୫ ମିନିଟ୍‌ନୁ ସାଢ଼େ ୮ ବଜେତକ୍ ସନ୍ଧ୍ୟା ଆଲ୍‌ତୀ ଲାଗି ସାଧାରଣ୍ ଲୁକେ ମା’ଙ୍କର୍ ଦର୍ଶନ୍ ନାଇଁ କରିପାରନ୍ । ଇନ ଜନେଇ ଦିଆଯାଇପାରେ ଯେ, ମା’ ଧବଲ୍‌ମୁଖୀ ବେଶଥି ୨ ଦିନ୍‌ତକ୍

ଦର୍ଶନ୍ ଦେବେ ବଲି ମନ୍ଦିର୍ ଟ୍ରଷ୍ଟବୋର୍ଡ୍‌ର ସଭାପତି ସଞ୍ଜୟ କୁମାର୍ ବାବୁ କହିଛନ୍ ।

ହବିଷ୍ୟାଲି -ରାଜ୍ୟସର୍‌କାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

କାର୍ତିକ୍ ମାସେ ଶ୍ରୀକ୍ଷେତ୍ର ପୁରୀ ନ ହବିଷ୍ୟାଲିମାନ୍‌କର୍ ବ୍ରତ ପାଲନ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ୨ କୋଟି ୫୭ ଲାଖ୍ ୫୦ ହଜାର୍ ଟଙ୍କାର୍ ଖର୍ଚ୍ଚ ଅଟକଲକେ ଅନୁମୋଦନ୍ କରାଯାଇଛେ । ହବିଷ୍ୟାଲି ମା ମାନ୍‌କୁ କାର୍ତିକ୍ ମାସ ବ୍ରତ ପାଲନ୍ ଲାଗି ସବୁପ୍ରକାର୍ ସୁବିଧା ଆର୍ ସହଯୋଗ୍ କରାଯିବା ବଲି ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୧୮ ତାରିଖ୍‌ନୁ କାର୍ତିକ୍ ମାସ ବ୍ରତ ମୁଲ୍ ହେବା । ଇ ସମିଆଥି ଶ୍ରୀକ୍ଷେତ୍ର ପୁରୀ ନ ମାସେ ତକ୍ ଭିନ୍ ଭିନ୍ ହବିଷ୍ୟାଲି କେନ୍ଦ୍ରମାନ୍‌କେ ହବିଷ୍ୟାଲି ମା ମାନେ ରହେବେ । ସେମାନ୍‌କର୍ ଲାଗି ସୁରକ୍ଷିତ ରହଣୀ ବ୍ୟବସ୍ଥା, ମାହାପ୍ରୁରୁ ଜଗନ୍ନାଥଙ୍କର୍ ଦର୍ଶନ୍, ମହାପ୍ରସାଦ୍ ସେବନ୍, ଭଜନ୍ କୀର୍ତନ୍ ବାଗିର୍ ସବୁ ବ୍ୟବସ୍ଥାକେ ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଜୋର୍ ଦେଇଛନ୍ ।

ସମବାୟ ମନ୍ତ୍ରଣାଳୟ-ଜାତୀୟ ସମୀକ୍ଷା ବୈଠକ

ଆର୍‌ଏନ୍‌ୟୁ /ସମ୍ବଲପୁର

ସମବାୟ ଅନୁଷ୍ଠାନ୍‌ମାନ୍‌କର ସଶକ୍ତିକରଣ୍ ଆର୍ ଗାଁ ଇଲାକା ନ ସମବାୟ ସମିତିକେ ବର୍‌କସ୍ କର୍‌ବାର୍ ଲାଗି ସମବାୟ ମନ୍ତ୍ରଣାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ନ ହେଉଥିବା ୨ ଦିନିଆ ଜାତୀୟ ସମୀକ୍ଷା ବୈଠକ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ବୈଠକ୍‌ଥି ସମବାୟ ମନ୍ତ୍ରଣାଳୟର୍ ଶାସନ୍ ସଚିବ ଡକ୍ଟର୍ ଆଶିଷ୍ କୁମାର୍ ଭୁଟାନୀ ଆର୍ ଓଡ଼ିଶାର୍ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଯୋଗ୍ ଦେଇଥିଲେ । ବୈଠକ୍‌ଥି ଅଭିଭାଷଣ୍ ଦେଇକରି ଶ୍ରୀ ଆହୁଜା କହିଛନ୍ ।

ଓଏଲ୍‌ଆଇସି- ପ୍ରତିଷ୍ଠା ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ଉଠା ଜଲ୍‌ସେଚନ୍ ନିଗମ୍ - ଓଏଲ୍‌ଆଇସି ଜରିଏ ଏବ୍‌ତକ୍ ୧ ଲାଖ ୭୧ ହଜାର୍ ପ୍ରକଳ୍ପ କରାଯାଇକରି ୧୫ ଲାଖ୍ ୯୬ ହଜାର୍ ହେକ୍ଟର୍ ଜଲ୍‌ସେଚନ୍ କ୍ଷମତା ସୃଷ୍ଟି କରାଯାଇପାରିଛେ । ଚଲ୍‌ତି ବଛର୍ ରାଏଜେ ଉଠା ଜଲ୍‌ସେଚନ୍

ଜରିଏ ୧ ଲାଖ୍ ୨୨ ହଜାର୍ ୬ ଶହ ୪୮ ହେକ୍ଟର୍ ଜମିଥି ସେଚ ସାମର୍ଥ୍ୟ ସୃଷ୍ଟି କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଓଏଲ୍‌ଆଇସିର ୫୨ ନମ୍ବର୍ ପ୍ରତିଷ୍ଠା ଦିବସ୍ ପାଲନ୍ ଅବ୍‌ସରେ ନିଗମ୍‌ର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ୍ ସାମଲ୍ ଇ ସୂଚ୍‌ନା ଦେଇଛନ୍ ।

ସ୍କୁଲ୍ ଛାତ୍ରଛାତ୍ରୀ ଡ୍ରେସ୍‌କୋଡ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଗଣଶିକ୍ଷା ବିଭାଗ୍ ତର୍‌ଫୁ ୯ ଆର୍ ୧୦ କ୍ଲାସ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କର୍ ଡ୍ରେସର୍ ରଙ୍ଗ୍‌କେ ବଦ୍‌ଲାଯାଇଛେ । ଛାତ୍ରମାନ୍‌କର୍ ଲାଗି ଖଇରିଆ ରଙ୍ଗର୍ ପେଂଟ୍ କରାଯାଇଥିବାର୍ ବେଲେ ଘିଅ କଲର୍‌ର ଚେକ୍ ସାର୍ଟ କରାଯାଇଛେ । ସେନ୍ତା ଛାତ୍ରୀମାନ୍‌କର୍ ଲାଗି ଖଇରିଆ କଲ୍‌ର ଜାକେଟ୍ ଭିଲ୍ ରହିଛେ । ଯେନ୍ ସ୍କୁଲ୍ ନ ପୁର୍‌ନା ଡିଜାଇନ୍‌ର ଡ୍ରେସ୍ ବଂଟାଯାଇ ନାଇଁଥିବା କି ସିଲେଇ କର୍‌ବାର୍‌କେ ଦିଆଯାଇ ନାଇଁ ଯାଇଥିବା ସେନ ଇ ନୂଆଁ ଡିଜାଇନ୍‌ର ଡ୍ରେସ୍ ଦିଆଯିବା । ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ୍ ଯୋଜ୍‌ନା ଅଧୀନ୍‌ଥି ଇ ଡ୍ରେସ୍ ବଂଟାଯିବା ବଲି ସୂଚ୍‌ନା ମିଳିଛେ ।

ଜିଲ୍ଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ଶିକ୍ଷା ବିଭାଗ୍ ତର୍ଫୁ ବୁଢ଼ାରଜା ସର୍କାରୀ ହାଇସ୍କୁଲ୍ ପ୍ରେକ୍ଷାଳୟ ଠାନେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜନ୍ କରାଯାଇଥିଲା । ଇଥି ଟିକିଲିପଡ଼ା ସର୍କାରୀ ହାଇସ୍କୁଲ୍ ପହେଲା , ବୁଢ଼ାରଜା ସର୍କାରୀ ହାଇସ୍କୁଲ୍ ୨ ନମ୍ବର୍ ଆର୍ ସାହାସ୍ପୁର୍ ସର୍କାରୀ ହାଇସ୍କୁଲ୍ ଟିମ୍ ୩ ନମ୍ବର୍ ହେଇକରି ପୁରସ୍କାର୍ ପାଇଛନ୍ ।